# Akashvani, Sambalpur

# SAMBALPURI NEWS BULLETIN

## 27 July 2024- 6.47- 6.52 am.

**********************************************

ନୀତି ଆୟୋଗ୍ ସାଧାରଣ ପରିଷଦ୍ ବୈଠକ୍ ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ୍‌ର ସାଂସ୍କୃତିକ କେନ୍ଦ୍ର ଠାନେ ଆଏଜ୍ ନୀତି ଆୟୋଗ୍‌ର ୯ ନମ୍ବର୍ ସାଧାରଣ ପରିଷଦ୍ ବୈଠକ୍ ହେବା । ଇଥି ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆର୍ କେନ୍ଦ୍ରଶାସିତ ଅଂଚଲ୍‌ର ଉପ-ରାଜ୍ୟପାଲ୍‌ମାନେ ଯୋଗ୍ ଦେବେ । ଇତାର୍‌ସହେତେ କେତେ କେନ୍ଦ୍ରମନ୍ତ୍ରୀ ଆର୍ ନୀତି ଆୟୋଗ୍‌ର ଉପାଧ୍ୟକ୍ଷ ଆର୍ ସଦସ୍ୟମାନେ ସାମିଲ୍ ହେବେ । ଭାରତ୍‌କେ ବିକଶିତ ରାଷ୍ଟ୍ର ଭାବେ ଗଢ୍‌ବାର୍ ଲାଗି ଇ ବୈଠକ୍‌ର ବିଷେ ‘ବିକଶିତ୍ ଭାରତ୍- ୨୦୪୭’ ରଖାଯାଇଛେ । ବିକଶିତ ଭାରତ୍ ଉପ୍‌ରେ ତୟାର୍ କରାଯାଇଥିବା ଦସ୍ତାବିଜ୍‌କେ ନେଇକରି ଇ ବୈଠକ୍‌ଥି ଆଲୋଚନା ହେବା ବଲି ସୂଚ୍‌ନା ମିଲିଛେ ।

ମୁଖ୍ୟମନ୍ତ୍ରୀ- ନୀତି ଆୟୋଗ ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ନୀତି ଆୟୋଗ୍‌ର ସାଧାରଣ୍ ପରିଷଦ୍‌ର ବୈଠକ୍‌ଥି ଯୋଗ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାରାତି ନୂଆଦିଲ୍ଲୀ ନ ପୁହୁଁଚିଛନ୍ । ଇ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କୁ ଜନାବେ । ଇତାର୍‌ଛଡ଼ା ମୁଖ୍ୟମନ୍ତ୍ରୀ କେତେଝନ୍ କେନ୍ଦ୍ରମନ୍ତ୍ରୀଙ୍କୁ ଭିଲ୍ ଭେଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅଗ୍ନିବୀର- ୟୁନିଫର୍ମ ସେବା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ସେନାବାହିନୀଥି ଭର୍ତି ନାଇଁ ହେଇଥିବା ରାଜ୍ୟର୍ ଅଗ୍ନିବୀର୍ ମାନ୍‌କୁ ସେମାନ୍‌କର୍ ଯୋଗ୍ୟତା ଅନ୍‌ସାରେ ରାଜ୍ୟର୍ ସବୁ ୟୁନିଫର୍ମ ସେବାଥି ନିଯୁକ୍ତି ଦେବାର୍‌କେ ନିଷ୍ପତି ନେଇଛନ୍ । ସେମାନ୍‌କୁ ନିଯୁକ୍ତି କ୍ଷେତ୍ରଥି ୧୦ ପ୍ରତିଶତ୍ ସଂରକ୍ଷଣ୍ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଇତାର୍‌ଛଡ଼ା ସେମାନ୍‌କର୍ ଲାଗି ବୟସ୍‌ସୀମା ୫ ବଛର୍ କୋହଲ୍ କରାଯାଇଛେ ।

ଗୃହକାର୍ଯ୍ୟ ପରାମର୍ଶଦାତା କମିଟି ଆର୍ଏନ୍ୟୁ /ସମ୍ବଲପୁର

ବିଧାନ୍ସଭାର୍ ଗୃହକାମ୍ ସୁରୁଖୁରୁଥି ଚଲାବାର୍ ଲାଗି ଗୃହକାର୍ଯ୍ୟ ପରାମର୍ଶଦାତା କମିଟି ଗଢ଼ାଯାଇଛେ । ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଢ଼ାଯାଇଥିବା ଇ କମିଟିଥି ବିରୋଧୀ ଦଲ୍ ନେତା ନବୀନ୍ ପଟ୍ଟନାୟକ୍, ଉପ-ମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, ସର୍କାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ କୁମାର୍ ପ୍ରଧାନ୍, ବିରୋଧୀ ଦଲର୍ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍, କଂଗ୍ରେସ୍ ବିଧାୟକ୍ ଦଲ୍ ନେତା ରାମ୍ଚନ୍ଦ୍ର କାଡ଼ାମ୍, ଆଘର୍ ବିରୋଧୀ ଦଲର୍ ନେତା ଆର୍ ବରିଷ୍ଠ ବିଧାୟକ୍ ଜୟନାରାୟଣ୍ ମିଶ୍ର ରହିଛନ୍ ।

ମନ୍ କି ବାତ୍ ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ

୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

କୃଷି ବିଭାଗ୍-ଓଡ଼ିଆଥି କାମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଉ ଇତାର୍ ଅଧୀନ୍‌ଥି ଥିବା କାର୍ଯ୍ୟାଳୟମାନ୍‌କେ ଓଡ଼ିଆଥି ସବୁ କାମ୍ କରାଯିବା । ଇ ବାବ୍‌ଦେ କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ବିଭାଗୀୟ ଅଧିକାରୀମାନେ ଇ ଦିଗେ ଯତ୍ନବାନ୍ ହେବାର୍ ସହେତେ ଇତାର୍ ଅନୁପାଳନ୍ ବାବ୍‌ଦେ ନିୟମିତ୍ ଭାବେ ଜନାବାର୍‌କେ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ପାଢ଼ୀ ପରାମର୍ଶ ଦେଇଛନ୍ ।

ଏମ୍.ଏଡ୍.,ବି.ଏଡ୍,ବି.ଏଚ୍.ଏଡ୍.		ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଏମ୍.ଏଡ୍. ପ୍ରବେଶିକା ପରୀକ୍ଷା ଆଏଜ୍ ହେଉଛେ । ଇ ପରୀକ୍ଷା ସଖାଲର୍ ୧୦ ନୁ ୧୨ ବଜେତକ୍ ହେବା । ସେନ୍ତା ଆଏବା କାଏଲ୍ ବି.ଏଡ୍. ଆର୍ ବି.ଏଚ୍.ଏଡ୍. ପ୍ରବେଶିକା ପରୀକ୍ଷା ହେବା । ବି.ଏଡ୍. ପରୀକ୍ଷା ସଖାଲର୍ ୧୦ ନୁ ୧୨ ବଜେତକ୍ ହେବାର୍‌କେ ଥିବାର୍ ବେଲେ ବି.ଏଚ୍.ଏଡ୍. ପରୀକ୍ଷା ଉପର୍‌ବେଲା ୨ ନୁ ୪ ବଜେତକ୍ ହେବା । ଇ ବାବ୍‌ଦେ ଏସ୍‌ଏସ୍‌ବି ତର୍‌ଫୁ ୱେବ୍‌ସାଇଟ୍‌ଥି ସବୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ୩୧ ଟା ଅନୁଷ୍ଠାନ୍‌ର ୨ ହଜାର୍ ୭ ଶହ ୫୦ ଟା ସିଟ୍ ଲାଗି ନାଁଲେଖା ହେବା ।

ଓଡ଼ିଶାର୍ ପରିବହନ୍ ସେବା		ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶାର୍ ପରିବହନ୍ ସେବା ଭିନ୍ ଭିନ୍ କ୍ଷେତ୍ରର୍ କାର୍ଯ୍ୟପ୍ରଣାଳୀ ବାବ୍‌ଦେ ତେଲେଙ୍ଗାନା ଆର୍ ପଞ୍ଜାବ୍‌ର ପରିବହନ୍ ବିଭାଗ୍‌ର ପ୍ରତିନିଧି ଦଲ୍ ଗଲା ୨ ଦିନ୍ ହେଲା ଅନୁଧ୍ୟାନ୍ କରିଛନ୍ । ପରିବହନ୍ ସେବା କ୍ଷେତ୍ରଥି ରାଜ୍ୟର୍ ବ୍ୟବସ୍ଥା ଇ ପ୍ରତିନିଧି ଦଲ୍‌କେ ଖୋବ୍ ପ୍ରଭାବିତ୍ କରିଛେ ବଲି ମତ

ଦେଇଛନ୍ । ଇମାନେ ଯାଜ୍‌ପୁର୍ ଜିଲ୍ଲାର୍ ଛତିଆ ନ ଥିବା ସର୍‌କାରୀ ଆଉ ଘରୋଇ ସହଭାଗିତାଥି ଭାରିଯାନ ଚାଲନା ତାଲିମ୍ କେନ୍ଦ୍ର ପରିଦର୍ଶନ୍ କରିଥିଲେ । ଇତାର୍ କେମ୍ପସ୍ ତାଲିମ୍ ଲାଗି ଆଧୁନିକ୍ ଉପକରଣ୍ ଆଉ ଶିକ୍ଷାର୍ଥୀମାନ୍‌କର୍ ଗାଡ଼ି ଚଲାବାର୍ ଦକ୍ଷତା ଆଉ ବ୍ୟକ୍ତିତ୍ୱ ବିକାଶ୍ ଲାଗି ଥିବା ଭିନ୍ ଭିନ୍ ବ୍ୟବସ୍ଥା ଦେଖିକରି ଇ ପ୍ରତିନିଧି ଦଲ୍ ଇତାର୍ ପ୍ରଶଂସା କରିଥିଲେ । ରାଜ୍ୟ ପରିବହନ୍ କମିଶନ୍ ଅମିତାଭ୍ ଠାକୁର୍‌ଙ୍କର୍ ଉପସ୍ଥିତିଥି ଦୁହି ରାଜ୍ୟର୍ ବରିଷ୍ଠ ପ୍ରତିନିଧିମାନ୍‌କର୍ ସାଙ୍ଗେ ଭୁବ୍‌ନେଶ୍ୱର୍ ଠାନେ  ଗୁଟେ ବୈଠକ୍ ହେଇଥିଲା ।

## ଫାଇଲେରିଆ ସାମୂହିକ୍ ଔଷଧ ସେବନ

ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ନ ଫାଇଲେରିଆ ସାମୂହିକ୍ ଔଷଧ ସେବନ୍ ବାବଦ୍ ନଗର୍‌ସ୍ତରୀୟ ସମନ୍ୱୟ ବୈଠକ ହେଇଯାଇଛେ । ମହାନଗର୍ ନିଗମ୍ କମିଶନର୍ ବେଦଭୂଷଣ୍ ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ସାମୂହିକ୍ ଉଷୋ ସେବନ୍ ଲାଗି ତଲ୍‌ସ୍ତର୍‌ନୁ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ, ଅଫିସ୍, ଆପାର୍ଟମେଂଟ୍ ମାନ୍‌କେ ସଚେତନ୍

କରାଯାଇଥିବାର୍ ଆଉ ବଡ଼ ବଡ଼ ବିଦ୍ୟାଳୟ, ୟୁନିଭର୍ସିଟି ମାନ୍‌କେ ଉଷୋ ଖୁଆବାର୍ ଲାଗି ମୋବାଇଲ୍ ଟିମ୍ ଗଠନ୍ ବାବ୍‌ଦେ ଅଧିକାରୀମାନେ ବୈଠକ୍‌ଥି ସୂଚ୍‌ନା ଦେଇଥିଲେ ।

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ-ଆଲୋଚନାଚକ୍ର

ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ନିରାପତା ବିଭାଗ୍ ତର୍‌ଫୁ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ସମ୍ବଲ୍‌ପୁର୍ ରେଲ୍‌ବାଇ କଲୋନୀର୍ ଅଧିକାରୀ କ୍ଲବ୍ ନ ଦୁର୍ଘଟଣାର୍ କାରଣ୍ ଆର୍ ପ୍ରତିରୋଧ୍ ଶୀର୍ଷକ୍ ଆଲୋଚନାଚକ୍ରକେ ରେଲ୍‌ମଣ୍ଡଲ୍ ପ୍ରବନ୍ଧକ୍ ତୁଷାର୍‌କାନ୍ତ ପାଣ୍ଡେ ଉଦ୍‌ଘାଟନ୍ କରିଥିଲେ । ନିରାପତା ନିୟମ୍ ପ୍ରଭାବିତ୍ କରୁଥିବା କେନ୍‌ସି ପ୍ରକାର୍ ସଟ୍‌କଟ୍ ପ୍ରଣାଳୀକେ ଗ୍ରହଣ୍ ନାଇଁ କର୍‌ବାର୍‌କେ ନିରାପତା ବିଭାଗ୍‌ର ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଡିଆର୍‌ଏମ୍ ନିର୍ଦ୍ଦେଶ୍ ଦେଇଥିଲେ ।

କୌଶଳ ରଥ-ସମ୍ବଲପୁର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ନ କୌଶଳ ରଥର ଗତିବିଧି ଉପ୍‌ରେ ଅତିରିକ୍ତ ଜିଲ୍ଲାପାଲ୍ ସୂଚାରୁ କୁମାର୍ ବଳଙ୍କର୍ ଅଧ୍ୟକ୍ଷତାଥି ଗୁଟେ

ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇଥି ଜିଲ୍ଲା ନ କୌଶଳ ରଥର୍ ଗତିବିଧି, କାର୍ଯ୍ୟକ୍ରମ୍‌ର ତାରିଖ୍, ରୁଟ୍ ମାନଚିତ୍ର, ରହଣୀ, ପରିବହନ୍, ଡକ୍ୟୁମେଂଟେସନ୍, ସୁରକ୍ଷା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଉତର୍‌ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଲଘୁଚାପ୍ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ଆଏଜ୍ ସୋନ୍‌ପୁର୍, ବର୍‌ଗଡ଼୍, ବଲାଙ୍ଗିର୍, ନୂଆପଡ଼ା ସହେତେ ଆଉ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେଇପାରେ । ସେନ୍ତା ଆଏବା କାଏଲ୍ ନୂଆପଡ଼ା, ବଲାଙ୍ଗିର୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ସମ୍ବଲ୍‌ପୁର୍, କଳାହାଣ୍ଡି ଜିଲ୍ଲା ନ ୭୦ ନୁ ଶହେ ମିଲିମିଟର୍‌ତକ୍ ବର୍ଷା ହେଇପାରେ । ବର୍ଷା ଆଏବା ୪ ଦିନ୍‌ତକ୍ ଲାଗି ରହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ସମ୍ଭାବ୍ୟ ବର୍ଷାକେ ନଜର୍‌ଥି ରଖିକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତର୍କ ରହେବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।